ସକାଳ THE SAKALA



## ଲାଇଟ୍ ମରାମତି ଦାବି

ରାଜଘାଟ, ୨୦।୪ (ସମିସ): ବସ୍ତା ବ୍ଲକ ଭେଲୋରା ପଞ୍ଚାୟତରେ ୧୧ ଟି ୱାର୍ଡରେ ପୂର୍ବରୁ ଲାଗିଥିବା ଲାଇଟ ଆଲୋକ ଏବେ ମରାମତି ଅଭାବରୁ ଅଧିକାଂଶ ସ୍ଥାନରେ ଜଳୁନାହିଁ କିଛି କିଛି ସ୍ଥାନରେ ଦପ ଦପ ହୋଇ ଜଳୁଛି। ଫଳରେ ଗ୍ରାମାଞ୍ଚଳ ରାସ୍ତା ଗୁଡିକ ଅନ୍ଧାର ହେବା ସହ ଦୁର୍ଘଟଣା ଘଟୁଛି, ଛୋଟ ପିଲା ସନ୍ଧ୍ୟାରେ ଟିଉସନ ଯିବା ପାଇଁ ଭୟ କରୁଛନ୍ତି ଏବଂ ରାତିରେ ଅନ୍ଧାରର ସୁଯୋଗ ନେଇ ଚୋର ମାନଙ୍କର ପ୍ରାଦୁର୍ଭାବ ବଢ଼ିଚାଲିଛି। ଫଳରେ ପଞ୍ଚାୟତ ବାସୀ ଆଜି ବସ୍ତା ବିଡ଼ିଓ ଓ ଭେଲୋରା ସରପଞ୍ଚଙ୍କୁ ସମସ୍ତ ଲାଇଟ ଗୁଡିକୁ ମରାମତି ପାଇଁ ନିବେଦନ କରିଛନ୍ତି। ଏଥିରେ ଜୟନ୍ତ ଭଦ୍ର, ସପନ ବାଗ, ଅଶୋକ ଦାସ, ଦେବେନ୍ଦ୍ର କର ଉପସ୍ଥିତ ଥିଲେ।

### ସୋରରେ ଯୋଗାଣ ବିଭାଗର ଚଢ଼ଉ

# ୯୮୯ ଗ୍ୟାସ୍ ସିଲିଣ୍ଡର ଜବତ

ସୋର,୨୦।୪ (ସମିସ)

ସୋମବାର ଅପରାହ୍ନରେ ଜିଲ୍ଲା ଯୋଗାଣ ବିଭାଗ ତରଫରୁ ସୋରରେ ଥିବା ଇଣ୍ଡିଗ୍ରେଟେଡ଼ ଗ୍ୟାସ ଏଜେନ୍ସିରେ ଚଢ଼ଉ କରାଯାଇ ବିପୁଳ ପରିମାଣର ଗ୍ୟାସ ସିଲିଣ୍ଡର ଜବତ କରାଯାଇଛି। ଆଜି ଅପରାହ୍ଣରେ ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ଅଚାନକ ଚଢ଼ଉ କରାଯାଇଥିଲା। ଏହି ଚଢ଼ଉ ସମୟରେ ବ୍ୟାପକ ଅନିୟମିତତା ଓ ଲୋକମାନଙ୍କ ପ୍ରତି କରାଯାଉଥିବା ଦୁର୍ବ୍ୟବହାର ବାବଦରେ ଯୋଗାଣ ଅଧିକାରୀଙ୍କ ଦୃଷ୍ଟି ପଡିଥିଲା। ପରେ ଉକ୍ତ ଗ୍ୟାସ ଏଜେନ୍ସିର ଷ୍ଟକ ରେଜିଷ୍ଟର ଯାଞ୍ଚ ପରେ ବ୍ୟାପକ ହେରଫେର ସାମ୍ନାକୁ ଆସିଥିଲା। ପରେ ଗୋଦାମରେ ଚଢ଼ଉ କରିବା ସମୟରେ ୫୫ଟି ଗ୍ୟାସ ଭର୍ତ୍ତି



ଟାଙ୍କି ସମେତ ୯୮୯ଟି ବ୍ୟବସାୟିକ ଏବଂ ଘରୋଇ ଟାଙ୍କି ମିଳିଥିଲା। ଫଳରେ ସମସ୍ତ ଟାଙ୍କିକୁ ଜବତ କରାଯାଇଥିଲା। ଏହି ଚଢ଼ଉରେ ଜିଲ୍ଲା ଯୋଗାଣ ଅଧିକାରୀ ନରସିଂହ ପଣ୍ଡା, ଜିଲ୍ଲା ସହକାରୀ ଯୋଗାଣ ଅଧିକାରୀ ପୁରଞ୍ଜୟ ସାହୁ, ନୀଳଗିରି ସହାୟକ ଯୋଗାଣ ଅଧିକାରିଣୀ ବିଦ୍ୟୁତ ଲତା ନାୟକ, ସୋର ଯୋଗାଣ ଅଧିକାରୀ ଦେବାଶିଷ କର, ବାହାନଗା ଯୋଗାଣ ଅଧିକାରୀ ରାକେଶ ପାତ୍ର ସାମିଲ ହୋଇଥିଲେ।

## ଗ୍ୟାସ୍ ସଙ୍କଟକୁ ନେଇ ବିଧାୟକଙ୍କ ସମୀକ୍ଷା ବୈଠକ

ସୋର,୨୦।୪ (ସମିସ): ଗ୍ୟାସ ସଙ୍କଟକୁ ନେଇ ଯୋଗାଣ ବିଭାଗର ଅଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ ସୋର ପୌରପାଳିକା ଅନ୍ତର୍ଗତ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ମାଧବ ଧଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ସମସ୍ୟା ବାବଦରେ



ଆଲୋଚନା କରାଯାଇଥିଲା। ସୋରରେ ଗ୍ୟାସ କଳାବଜାରୀକୁ ନେଇ ବାରମ୍ବାର ଅଭିଯୋଗ ହେଉଥିଲା। ଏହାର ସମାଧାନ ସହିତ ଲୋକମାନଙ୍କୁ ଉଚିତ ବ୍ୟବହାର ଓ ସଠିକ ସମୟରେ ଗ୍ୟାସ ଏଜେନ୍ସି ଗୁଡିକ ଗ୍ୟାସ କିପରି ଦେବେ ସେ ବାବଦରେ ଏହି ବୈଠକରେ ଆଲୋଚନା କରାଯାଇଥିଲା। ଏହି ସମୟରେ ଜିଲ୍ଲା ଯୋଗାଣ ଅଧିକାରୀ ନରସିଂହ ପଣ୍ଡା, ସହକାରୀ ଯୋଗାଣ ଅଧିକାରୀ ପୁରଞ୍ଜୟ ସାହୁ, ନୀଳଗିରି ସହକାରୀ ଯୋଗାଣ ଅଧିକାରିଣୀ ବିଦ୍ୟୁତଲତା ନାୟକ, ସୋର ଯୋଗାଣ ଅଧିକାରୀ ଦେବାଶିଷ କର, ବାହାନଗା ଯୋଗାଣ ଅଧିକାରୀ ରାକେଶ ପାତ୍ର ଓ ସୋର ଏବଂ ବାହାନଗାରେ ଥିବା ୫ଟି ଗ୍ୟାସ ଏଜେନ୍ସିର ମାଲିକମାନେ ଉପସ୍ଥିତ ଥିଲେ।

## ନିଶାଡ଼ି ଆକ୍ରମଣରେ ଯୁବକ ଗୁରୁତର

ରାଜଘାଟ,୨୦।୪ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ପୁଟୁରା ପଞ୍ଚାୟତ ବାଲିସାହି ଗ୍ରାମର ଉମେଶ ଚନ୍ଦ୍ର ଜେନାଙ୍କ ଘର ଆଗରେ ଥିବା ସ୍କୁଲ ପୋଖରୀ ହୁଡାରେ ପଶୁପତି ଗୋଛାୟତଙ୍କ ପୁଅ ଏକ କୁଡିଆ ଘରେ ଅସାମାଜିକ ବ୍ୟକ୍ତିଙ୍କ ସହିତ ମିଶି ଗଞ୍ଜେଇ, ମଦ,ଭଳି ବିଭିନ୍ନ ନିଶା ଖାଇ ବିଭିନ୍ନ ସମୟରେ ଅଶ୍ଳୀଳ ଭାଷା ପ୍ରୟୋଗ କରିଥାନ୍ତି। ଛୋଟ ଛୋଟ ପିଲାମାନଙ୍କ ପାଠ ପଢା ସହିତ ଅଶାନ୍ତି କର ପରିବେଶ ସୃଷ୍ଟି ହୋଇଥିବାରୁ ଉମେଶ ଜେନାଙ୍କ ପୁଅ ବିଜୟ ଉକ୍ତ ସ୍କୁଲର ପ୍ରଧାନ ଶିକ୍ଷକ ଙ୍କୁ ଏଭଳି କାର୍ଯ୍ୟ ସ୍କୁଲ ହତାରେ ନ କରିବାକୁ ଲିଖିତ ଅଭିଯୋଗ କରିଥିଲେ। ଆଜି ମନୋରଞ୍ଜନ ହଠାତ ବିଜୟକୁ ଘରୁ ବାହାରକୁ ଡାକି ଏକ ମାରଣାସ୍ତ୍ରରେ ବିଜୟର ମୁଣ୍ଡ କୁ ହାଣି ଦେଇଥିଲେ ହେଁ ଅଳ୍ପକେ ବିଜୟର ଜୀବନ ବର୍ତ୍ତି ଯାଇଥିଲା। ସାଙ୍ଗେ ସାଙ୍ଗେ ଘଟଣା ସ୍ଥଳରେ ପୁଟୁରା ପଞ୍ଚାୟତ ସରପଞ୍ଚ ରାଧାକୃଷ୍ଣ ବେହେରା ଉପସ୍ଥିତ ହୋଇ ନିଜ ଗାଡିରେ ବିଜୟ କୁ ବସ୍ତା ଓ ପରେ ବାଲେଶ୍ୱର ମୁଖ୍ୟ ହସ୍ପିଟାଲ କୁ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଇଛନ୍ତି । ଏ ନେଇ ବିଜୟଙ୍କ ସ୍ତ୍ରୀ ଅନିତା ସିଂଲା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ସିଂଲା ଥାନା ଏସଆଇ ତପନ କୁମାର ଜେନା ଏବଂ ଏ ଏସ ଆଇ ଚନ୍ଦ୍ର ସୋରେନ ଘଟଣା ସ୍ଥଳରେ ପହଞ୍ଚି ଥିଲେ ହେଁ ଆକ୍ରମଣ କାରୀ ଫେରାର ହୋଇଯାଇଥିଲେ,ତେବେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନାଅଧିକାରୀ ସୁଚନ୍ଦ୍ର ମହାଲିକ ସୂଚନା ଦେଇଛନ୍ତି।

## ଆଉସା ଶ୍ରୀଜଗନ୍ନାଥ ମନ୍ଦିରର ବାର୍ଷିକ ପ୍ରତିଷ୍ଠା ଉତ୍ସବ

ଚନ୍ଦନେଶ୍ୱର, ୨୦।୪ (ସମିସ): ଅକ୍ଷୟ ତୃତୀୟାର ପବିତ୍ର ଓ ମଙ୍ଗଳମୟ ତିଥିରେ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ



ଅଧୀନ ପସରବିନ୍ଧା ପଞ୍ଚାୟତର ଆଉସା ଗ୍ରାମରେ ଅବସ୍ଥିତ ପବିତ୍ର ଶ୍ରୀଜଗନ୍ନାଥ ମନ୍ଦିରର ବାର୍ଷିକ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ଅକ୍ଷୟ ତୃତୀୟାର ପ୍ରଭାତରୁ ସୂର୍ଯ୍ୟ ପୂଜା, ମଣ୍ଡପରେ ପୂଜାର୍ଚ୍ଚନା ଓ ବେଦମନ୍ତ୍ର ଉଚ୍ଚାରଣରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରଭାତୀ ମୁହୂର୍ତ୍ତରେ ପସରବିନ୍ଧା ପଞ୍ଚାୟତର ହଜାର ହଜାର ଭକ୍ତିପରାୟଣ ମହିଳା ଅମୃତ ସରୋବର (ପ୍ରିୟ ପୋଖରୀ) ତୁଠରେ ଏକତ୍ରିତ ହୋଇ ମା' ଗଙ୍ଗାଙ୍କ ପୂଜାର୍ଚ୍ଚନା କରିଥିଲେ। ତାପରେ ସେମାନେ ପବିତ୍ର ଜଳକୁ କଳସରେ ବୋହି ଭକ୍ତିଭାବରେ କଳସ ଶୋଭାଯାତ୍ରାରେ ମନ୍ଦିର ପର୍ଯ୍ୟନ୍ତ ଆଣିଥିଲେ। ମନ୍ଦିର ପରିସରରେ ଯଜ୍ଞାନୁଷ୍ଠାନ ଓ ଅନ୍ୟାନ୍ୟ ପୂଜାବିଧି ଗମ୍ଭୀର ଓ ପବିତ୍ର ପରିବେଶରେ ଅବ୍ୟାହତ ରହିଥିଲା। ମଙ୍ଗଳବାର ଦିନ ସମସ୍ତ ଗ୍ରାମବାସୀ ଏବଂ ଦୂରଦୂରାନ୍ତରୁ ଆସିଥିବା ଭକ୍ତମାନଙ୍କ ପାଇଁ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଥିବା ବୋଲି ମନ୍ଦିର ପରିଚାଳନା କମିଟିର ସଭାପତି ଓ ସ୍ଥାନୀୟ ସରପଞ୍ଚ ସୁମନ୍ତ ବେହେରା ସୂଚନା ଦେଇଛନ୍ତି। ଉତ୍ସବର ପ୍ରଥମ ଦିନରେ ସମାଜସେବୀ ଓ ବିଜୟାଞ୍ଜଳୀ ଆବାସିକ ବିଦ୍ୟାଳୟର ଚେୟାରମ୍ୟାନ ଇଂ. ବିଦୁବେନ୍ଦୁ ପାତ୍ରଙ୍କ ସମେତ ଆଉସା ଗ୍ରାମବାସୀ ଏବଂ ତାରାପୁର, ଗୋବିନ୍ଦପୁର, ପସରବିନ୍ଧା, ନିମାତପୁର, ଫୁଲବଣୀ, ରଣକୋଠା, ଟୁଙ୍କୁରୀହାଜିରା ଆଦି ଆଖପାଖ ଗ୍ରାମରୁ ଆସିଥିବା ଭକ୍ତମାନଙ୍କର ବହୁଳ ସମାଗମ ଦେଖିବାକୁ ମିଳିଥିଲା।

## ବାଲେଶ୍ୱରରେ ଓହ୍ଲାଇ ପାରିଲେନି; ଖଡ଼ଗପୁରରୁ ବୃଦ୍ଧ ଉଦ୍ଧାର

ବାଲେଶ୍ୱର,୨୦।୪ (ସମିସ): ରେଳବାଇର 'ରେଳ ମଦଦ' ସେବା ଏବଂ ଆରପିଏଫର ତତ୍ପରତା ଯୋଗୁଁ ଜଣେ ବୃଦ୍ଧ ଯାତ୍ରୀ ସୁରକ୍ଷିତ




ଭାବେ ନିଜ ପରିବାର ପାଖକୁ ଫେରିଛନ୍ତି। ବାଲେଶ୍ୱର ଷ୍ଟେସନରେ ଓହ୍ଲାଇ ପାରିନଥିବା ଜଣେ ୬୫ ବର୍ଷୀୟ ବୃଦ୍ଧଙ୍କୁ ଖଡ଼ଗପୁର ଷ୍ଟେସନରୁ ଉଦ୍ଧାର କରି ତାଙ୍କ ପରିବାରକୁ ହସ୍ତାନ୍ତର କରିଛି ରେଳ ସୁରକ୍ଷା ବଳ। ଗତ ୧୭ ତାରିଖରେ ୧୮୦୪୮ ଅମରାବତୀ ଏକ୍ସପ୍ରେସରେ ରାମପଦ ବେହେରା(୬୫) ନାମକ ଜଣେ ବୃଦ୍ଧ ତାଙ୍କ ପତ୍ନୀଙ୍କ ସହ ଏକ୍ସ-ଭାସ୍କୋରୁ ବାଲେଶ୍ୱର ଅଭିମୁଖେ ଆସୁଥିଲେ। ବାଲେଶ୍ୱର ଷ୍ଟେସନରେ ତାଙ୍କ ପତ୍ନୀ ଜିନିଷ ପତ୍ର ସହ ଓହ୍ଲାଇ ପଡ଼ିଥିଲେ ହେଁ ଶ୍ରୀ ବେହେରା ଟ୍ରେନରୁ ଓହ୍ଲାଇ ପାରିନଥିଲେ। ଏ ନେଇ ତାଙ୍କ ଜ୍ୱାଇଁ ଅଭିଷେକ ଟୋଲା 'ରେଳ ମଦଦ' ଜରିଆରେ ସହାୟତା ମାଗିଥିଲେ। ଏହା ପରେ ଖଡ଼ଗପୁର ଆରପିଏଫ ପୋଷ୍ଟର କର୍ମଚାରୀମାନେ ତୁରନ୍ତ ଟ୍ରେନ ପହଞ୍ଚିବା ପରେ ବୃଦ୍ଧଙ୍କୁ ସୁରକ୍ଷିତ ଉଦ୍ଧାର କରିଥିଲେ। ପରେ ବାଲେଶ୍ୱର ଭୋଗରାଇ ଅଞ୍ଚଳରୁ ଅଭିଷେକ ଖଡ଼ଗପୁର ପହଞ୍ଚିବା ପରେ ଆବଶ୍ୟକ ଯାଞ୍ଚ କରି ଆରପିଏଫ ତାଙ୍କ ଶ୍ୱଶୁରଙ୍କୁ ହସ୍ତାନ୍ତର କରିଛି।

## ଘର ଉପରେ ନଡ଼ିଆ ଗଛ ପଡ଼ି ଛପର ଭାଙ୍ଗିଲା

ଚନ୍ଦନେଶ୍ୱର, ୨୦।୪ (ସମିସ): ଭୋଗରାଇ ବ୍ଲକ କାନ୍ଥଭଉଁରୀ ପଞ୍ଚାୟତ ରଣସିଂହପୁର ଗ୍ରାମରେ ଗତକାଲି କାଳ ବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ଓ ପବନ ହେବା ସହିତ ବ୍ୟାପକ କ୍ଷୟକ୍ଷତି ଘଟିଛି। ଆସିଥିବା ଝଡ଼ରେ ଉକ୍ତ ଗ୍ରାମର ଭଗୀରଥ ମହାନ୍ତିଙ୍କ ଘର ଉପରେ ଏକ ବଡ଼ ନଡ଼ିଆ ଗଛ ଭାଙ୍ଗି ପଡ଼ିଥିଲା। ଫଳରେ ଘରର ଆଜବେଷ୍ଟସ ଛପର ପୂରାପୂରି କ୍ଷତିଗ୍ରସ୍ତ ହୋଇଯାଇଛି। ଘଟଣା ସମୟରେ ଘର ଭିତରେ ଥିବା ଚାରିଜଣ ପରିବାରର ସଦସ୍ୟ ଅଳ୍ପକେ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ। ପରେ ଗ୍ରାମବାସୀ ରାଜସ୍ୱ ନିରୀକ୍ଷକଙ୍କୁ ସୂଚନା ଦେଇଥିଲେ। ସୋମବାର ସକାଳେ ସ୍ଥାନୀୟ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ହାବିଲଦାର ଅକ୍ଷୟ କୁମାର ବେହେରାଙ୍କ ନେତୃତ୍ୱରେ ଜୟନ୍ତ ସି, ଅଗ୍ନିକ ଦେବବ୍ରତ ପଲାଇ, ନିମାଇଁ ହେମ୍ବ୍ରମ ଓ ରବୀନ୍ଦ୍ର ନାୟକ ଘର ଉପରେ ପଡ଼ିଥିବା ଗଛକୁ କାଟି ହଟାଇଥିଲେ। ଏହି ଉଦ୍ଧାର କାର୍ଯ୍ୟରେ ବିଚିତ୍ରପୁର ରାଜସ୍ୱ ନିରୀକ୍ଷକ ବିଷ୍ଣୁପଦ ଗିରି, ପଞ୍ଚାୟତ ସଦସ୍ୟ ପ୍ରଦୀପ କୁମାର ଦାସ, ୱାର୍ଡ ମେମ୍ବର ରବୀନ୍ଦ୍ର ସାହୁ, ସମାଜସେବୀ ବିଜୟ କୁମାର ମହାନ୍ତି ଓ ତପନ କୁମାର ମଣ୍ଡଳ ସହ ଅନ୍ୟାନ୍ୟ ସ୍ଥାନୀୟ ଲୋକମାନେ ସହଯୋଗ କରିଥିଲେ। ଝଡ଼ ବର୍ଷାରେ ସମ୍ପୃକ୍ତ ପରିବାର ଗୁରୁତର କ୍ଷତିର ସମ୍ମୁଖୀନ ହୋଇଥିବାରୁ ଅଞ୍ଚଳବାସୀମାନେ ପ୍ରଶାସନଙ୍କୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରିବାକୁ ଦାବି କରିଛନ୍ତି। ସେହିପରି ପବନ ଯୋଗୁଁ ଉକ୍ତ ଗ୍ରାମର ଗୌରହରି ସୁର, ହରେନ୍ଦ୍ର ସୁର ଓ ଘନଶ୍ୟାମ ସୁରଙ୍କ ଏକ ବଡ଼ ଗୁହାଳ ଘରର ଟିଣ ଛପର ଭାଙ୍ଗି ଭୂମିସ୍ତରକୁ ଧସି ପଡ଼ିଥିଲା। ଘଟଣା ସମୟରେ ଗୁହାଳ ଭିତରେ ଥିବା ଗୋରୁ, ଗାଈ ଓ ବାଛୁରୀ ସହିତ ମୋଟ ୧୨ଟି ପଶୁ ଅଟକି ରହିଥିଲେ।



### କାଳବୈଶାଖୀର ତାଣ୍ଡବ

ବର୍ଷା ଓ ବିଜୁଳିର ଭୟାନକ ପରିସ୍ଥିତି ମଧ୍ୟରେ ପରିବାର ଲୋକେ ସାହସ ପ୍ରଦର୍ଶନ କରି ନିଜ ଜୀବନକୁ ବିପଦରେ ପକାଇ ଗୁହାଳର ଟିଣ ଚାଳ କାଟି ସମସ୍ତ ପଶୁମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ଖବର ପାଇ ବିଚିତ୍ରପୁର ରାଜସ୍ୱ ନିରୀକ୍ଷକ ବିଷ୍ଣୁପଦ ଗିରି ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ତଦନ୍ତ କରିଥିଲେ। ସେ କ୍ଷତିଗ୍ରସ୍ତ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇବା ପାଇଁ ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଛନ୍ତି।

## ଶିକ୍ଷା ସୁଧାର ପାଇଁ ଭୋଗରାଇ ଓ ସୋର ବିଧାୟକଙ୍କ ସହ ଆଲୋଚନା

ବାଲେଶ୍ୱର,୨୦।୪ (ସମିସ): ଶିକ୍ଷା ସୁଧାର ପାଇଁ ଗଠିତ ହୋଇଥିବା ଶିକ୍ଷା ସୁରକ୍ଷା ମଞ୍ଚର ଏକ ପ୍ରତିନିଧି ଦଳ ଦୁଇ ବିଧାୟକଙ୍କ ସହ ଆଲୋଚନା କରାଯାଇଛି। ପୂର୍ବ ଆଲୋଚିତ କାର୍ଯ୍ୟନୁଯାଇ ଡିଇଓ, ବିଇଓ, ଜିଲ୍ଲାପାଳଙ୍କୁ ସରକାରଙ୍କ ମାର୍ଗଦର୍ଶିକାକୁ ଅନୁସରଣ କରି ରେସନାଲ ସିଷ୍ଟମକୁ କାର୍ଯ୍ୟକାରୀ କରାଇ ଶୈକ୍ଷିକ ବାତାବରଣ ସୃଷ୍ଟି କରି ଶିକ୍ଷାର ଗୁଣାତ୍ମକ ବୃଦ୍ଧି ପାଇଁ ସ୍ମାରକ ପ୍ରଦାନ ପରେ ସରକାରଙ୍କ ନୀତିନିୟମ ତ୍ରୁଟିକୁ ବିଧାନସଭାରେ ଉଠାଇ ଅନ୍ୟ ସରକାରୀ ଚାକିରୀ ପରି ଶିକ୍ଷକଙ୍କ ନିୟମିତ ବଦଳି, ଏସ୍ ଏମ୍ ସି ରେ ବିଧାୟକ, ବ୍ଲକ ଚେୟାରମ୍ୟାନ, ମ୍ୟୁନିସିପାଲିଟି ଚେୟାରମ୍ୟାନଙ୍କ ପ୍ରତିନିଧି, ପୁରାତନ ଛାତ୍ରଛାତ୍ରୀ, ଶିକ୍ଷା ଅନୁରାଗୀଙ୍କୁ ସଭ୍ୟଭାବେ ରଖିବାର ବ୍ୟବସ୍ଥା, ପ୍ରତ୍ୟେକ ସ୍କୁଲରେ ସିସି କମେରା ଲଗାଇବା ଇତ୍ୟାଦି ବାଲେଶ୍ୱର ଜିଲ୍ଲାର ଭୋଗରାଇ ବିଧାୟକ



ଗୌତମବୁଦ୍ଧ ଦାସ ଏବଂ ସୋର ବିଧାୟକ ମାଧବ ଚନ୍ଦ୍ର ଧଡ଼ାଙ୍କ ସହ ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ଆଲୋଚନା ହୋଇଥିଲା। ବିଧାୟକ ଦ୍ୱୟ ଶିକ୍ଷାର ଗୁଣବତ୍ତା କମିବା ଫଳରେ ଅଭିଭାବକମାନେ ବେସରକାରୀ ସ୍କୁଲକୁ ପସନ୍ଦ କରୁଥିବା ଏବଂ ଶିକ୍ଷକ ଶିକ୍ଷୟତ୍ରୀମାନେ ଗ୍ରାମାଞ୍ଚଳକୁ ନ ଯାଇ ସହରାଞ୍ଚଳରେ ରହିବାକୁ ଅଗ୍ରାଧିକାର ଦେଉଛନ୍ତି। ଫଳରେ ଗ୍ରାମାଞ୍ଚଳରେ ଶିକ୍ଷା ଅବସ୍ଥା ଭୁଶୁଡ଼ି ପଡିବା କଥାକୁ ବିଧାନସଭାରେ ଉଠାଇବାକୁ ସହମତି ପ୍ରକାଶ କରିଛନ୍ତି। ଜିଲ୍ଲାର ଅଧିକାଂଶ ବିଧାୟକ ପଶ୍ଚିମବଙ୍ଗ ନିର୍ବାଚନରେ ବ୍ୟସ୍ତ ଥିବା କାରଣରୁ ସରକାରୀ ଦଳର ବିଧାୟକଙ୍କ ସହ ନିକଟ ଭବିଷ୍ୟତରେ ଆଲୋଚନା ହେବ ବୋଲି ମଞ୍ଚର ଆବାହକ ସୂଚନା ଦେଇଛନ୍ତି। ଉକ୍ତ ଆଲୋଚନାରେ ଆବାହକ ରଘୁନାଥ ଲେଙ୍କା, ଦେବାଶିଷ ସିଂହ, କମଳାକାନ୍ତ ରାଉତ, ସତ୍ୟେନ୍ଦ୍ର ଦାସ, ମିନତୀ ସେଠୀ, ଜ୍ୟୋସ୍ନା ସେନାପତି ପ୍ରମୁଖ ଭାଗ ନେଇଥିଲେ।

## ବାଲ୍ୟବିବାହ ବନ୍ଦ ନିମନ୍ତେ ଜିଲ୍ଲାସ୍ତରୀୟ ସଚେତନତା ଶିବିର

ବାଲେଶ୍ୱର,୨୦।୪ (ସମିସ): ଜିଲ୍ଲାସ୍ତରୀୟ ବାଲ୍ୟ ବିବାହ ରୋକିବା ପାଇଁ ସଚେତନତା କାର୍ଯ୍ୟକ୍ରମ ସାମାଜିକ ଅନୁଷ୍ଠାନ ବସ୍ତି ଏରିଆ ଡେଭେଲପମେଣ୍ଟ



କାଉନସିଲ (ବିଏଡିସି) ପକ୍ଷରୁ କଇନଗରୀ ପଞ୍ଚାୟତରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ପ୍ରକଳ୍ପ ଅଧିକାରିଣୀ ରାଜଶ୍ରୀ ବେହେରା ଶିଶୁ ମାନଙ୍କ ଅଧିକାର ଓ ନ୍ୟାୟ ପ୍ରଦାନ ଦିଗରେ ବାଲ୍ୟ ବିବାହ ବନ୍ଦ କରିବା ପାଇଁ ସଚେତନତା କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ କଇନଗରୀ ପଞ୍ଚାୟତ ସରପଞ୍ଚ ରାଧାବଲ୍ଲଭ ମଣ୍ଡଳ ବାଲ୍ୟ ବିବାହ ପ୍ରକଳ୍ପ ପରିଦର୍ଶିକା ସୂର୍ଯ୍ୟମଣି ଦାସ, ଏମବିକେ ଆଶା କର୍ମୀ, ଅଙ୍ଗନବାଡି କର୍ମୀ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସେହି ଅଞ୍ଚଳରେ ଥିବା ମନ୍ଦିରର ପୂଜକମାନେ ଉଦବୋଧନ ଦେଇ ବାଲ୍ୟ ବିବାହ ବିଲୋପ ପାଇଁ ବିଶେଷ ଭାବେ ଆଲୋଚନା ସହିତ ସମସ୍ତେ ମିଳିମିଶି ଶପଥ ପାଠ କରିଥିଲେ। ଜଷ୍ଟ ରାଇଟ୍ସ ଫର ଚିଲଡ୍ରେନ ସହାୟତାରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ମନ୍ଦିରମାନଙ୍କର ପୂଜକ ବ୍ରାହ୍ମଣ, ମସଜିଦ ଓ ଗୀର୍ଜାର ଧର୍ମଗୁରୁ, ଗୁରୁଦ୍ୱାରର ମୁଖ୍ୟ ମାନଙ୍କ ଦ୍ୱାରା ବାଲ୍ୟବିବାହ ବିଲୋପ ପାଇଁ ଶପଥ ପାଠ କରାଯାଇଥିଲା। ବସ୍ତି ଏରିଆ ଡେଭେଲପମେଣ୍ଟ କାଉନସିଲର ସଦସ୍ୟା ବନସ୍ମିତା ନାୟକ, ଇତିଶ୍ରୀ ଜେନା, ରେଖା ଦାସ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଜିକେ ଭଟ୍ଟର ହସ୍ପିଟାଲରେ ଦଶଦିନ ଧରି ଏକ୍ସରେ ମେସିନ୍ ଅଚଳ

ଜଳେଶ୍ୱର, ୨୦।୪ (ସମିସ) : ଜଳେଶ୍ୱର ବ୍ଲକରେ ଥିବା ଜିକେ ଭଟ୍ଟର ହସ୍ପିଟାଲରେ ଏକମାତ୍ର ଏକ୍ସରେ ମେସିନ୍ ଅଚଳ ହୋଇ ଯାଇଛି। ଫଳରେ ୧୦ଦିନ ଧରି ରୋଗୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଓଡିଶା ଓ ପଶ୍ଚିମବଂଗ ସୀମାକୁ ଲାଗି ଜଳେଶ୍ୱର ବ୍ଲକରେ ଥିବା ଜିକେ ଭଟ୍ଟର ହସ୍ପିଟାଲ ଏକମାତ୍ର ଭରସା। ପ୍ରତିଦିନ ପ୍ରାୟ ୪୦୦ରୁ ଉଦ୍ଧ୍ୱର୍ଦ୍ଧ ରୋଗୀ ଏଠାକୁ ଆସିଥିବା ବେଳେ ଆବଶ୍ୟକ ସଂଖ୍ୟକ ଡାକ୍ତର ଓ ଯନ୍ତ୍ରପାତି ନଥିବାରୁ ରୋଗୀମାନଙ୍କୁ ବାଲେଶ୍ୱର ସ୍ଥାନାନ୍ତର କରାଯାଏ। ଜାତୀୟ ରାଜପଥ ୬୦ ଓ ରାଜ୍ୟ ରାଜପଥ ୫୭କୁ ଲାଗି ରହିଥିବା ବେଳେ ବିଭିନ୍ନ ସମୟରେ ଦୁର୍ଘଟଣାର ରୋଗୀମାନେ ଏଠାକୁ ଆସିଥାନ୍ତି। ଜଳେଶ୍ୱର ସହିତ ଭୋଗରାଇ, ବାଲିଆପାଳ, ରାସଗୋବିନ୍ଦପୁର, ଓ ପଶ୍ଚିମବଂଗର ବହୁ ଅଞ୍ଚଳରୁ ରୋଗୀମାନେ ଏଠାକୁ ଚିକିତ୍ସାଲାଗି ଆସିଥାନ୍ତି। ପ୍ରାୟ ୧୦ଦିନରୁ ଉର୍ଦ୍ଧ୍ୱ ହେବ ଏଠାକାର ଏକ୍ସରେ ମେସିନ୍ ଅଚଳ ହୋଇଥିବାରୁ ରୋଗୀମାନେ ପାଖରେ



### ରୋଗୀଙ୍କୁ ଲୁଟୁଛି ଘରୋଇ କ୍ଲିନିକ୍

ଥିବା ବିଭିନ୍ନ କ୍ଲିନିକ୍ ଉପରେ ନିର୍ଭର କରୁଛନ୍ତି। ଗରିବ ରୋଗୀ ଜଣକ ଶୋଷଣ ଶୀକାର ହେଉଛନ୍ତି। ଏ ସଂପର୍କରେ ହସ୍ପିଟାଲ ସୁପରିଟେଣ୍ଡ ଡା. ଦିଲ୍ଲିପ କୁମାର ପାତ୍ରଙ୍କୁ ପଚାରିବାରୁ ୨୦୦୮ ମସିହାରୁ କିଣାଯାଇଥିବା ଏକ୍ସରେ ମେସିନ୍‌ଟି ଅଚଳ ହେବାପରେ ତାର କମ୍ପାନୀକୁ ଖବର ଦିଆଯାଇଛି। ଖୁବ୍‌ଶୀଘ୍ର ମରାମତି ହେବ ବୋଲି କହିଛନ୍ତି। ଅନ୍ୟପକ୍ଷରେ ନୂଆ ମେସିନ୍ ଆବଶ୍ୟକ ରହିଥିବା କହିଛନ୍ତି। ସିଡିଏମ୍‌ଓଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ମରାମତି କରାଯିବ ବୋଲି କହିଛନ୍ତି।

## ପାଣିରେ ବୁଡ଼ି ବାଳକର ସଲିଳ ସମାଧି

ସିମୁଳିଆ, ୨୦।୪ (ସମିସ): ପୋଖରୀକୁ ଗାଧୋଇବାକୁ ଯାଇ ପାଣିରେ ବୁଡି ଯାଇ ବାଳକର ସଲିଳ ସମାଧି ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସିମୁଳିଆ ଥାନା ଅନ୍ତର୍ଗତ ପୁରୁଷୋତ୍ତମପୁର ପଞ୍ଚାୟତ ବମଡିଆ ସାନବଧି ଗ୍ରାମର ଶଙ୍କର୍ଷଣ ଶିଅଳଙ୍କ ପୁଅ ରାଉଳ ଶିଅଳ(୧୫)ବର୍ଷ ଗ୍ରାମ ନିକଟରେ ଥିବା ଏକ ପୋଖରୀକୁ ସାଙ୍ଗମାନଙ୍କ ସହ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ପାଣିରୁ ଉପରକୁ ଆସିନଥିଲା। ସାଙ୍ଗମାନେ ଭୟରେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଖବର ପାଇ ପରିବାର ଲୋକେ ଓ ଗ୍ରାମବାସୀ ସହାୟତାରେ ପୋଖରୀରୁ ବାଳକକୁ ଉଦ୍ଧାର କରି ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ। ମାତ୍ର କାର୍ଯ୍ୟରତ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ଖବର ପାଇ ସିମୁଳିଆ ପୁଲିସ ଘଟଣାର ତଦନ୍ତ କରୁଛି। ରାଉଳ ଚଳିତ ବର୍ଷ ଦଶମ ଶ୍ରେଣୀ ପରୀକ୍ଷା ଦେଇଥିବା ଜଣାଯାଇଛି। ପୂର୍ବତନ ସରପଞ୍ଚ ଦୀପକ ଖିଲାର ଶଙ୍କର୍ଷଣ ଅତ୍ୟନ୍ତ ଗରିବ, ଏଭଳି ଦୁଃଖଦ ଘଟଣା ରେ ତୁରନ୍ତ ତାକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।

## ମଦ ଜବତ, ୪ ଗିରଫ

ସିମୁଳିଆ, ୨୦।୪ (ସମିସ): ବାଲେଶ୍ୱର ଅବକାରୀ ଅଧିକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ଖଇରା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହଲ୍ଲାଦ ସାମଲ ଏବଂ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ସିମୁଳିଆ ଥାନା ଅନ୍ତର୍ଗତ ରାମ୍ପୋ, ଦୀପରାଧାବଲ୍ଲଭପୁର, ମହାନ୍ତିପୋଖରୀ ଓ କୁଆଗଡ଼ିଆ ଗ୍ରାମରେ ଚଢ଼ାଉ କରାଯାଇଥିଲା। ୧୩୫ ଲିଟର ଦେଶୀ ରନ୍ଧା ମଦ ଓ ୯.୭୫୦ ଲିଟର ବିଅର ଜବତ କରାଯିବା ସହିତ ରାମ୍ପୋ ଗ୍ରାମର ସଞ୍ଜୟ ମୁର୍ମୁ, ଦୀପରାଧାବଲ୍ଲଭପୁର ଗ୍ରାମର ଭାରତୀ ମଲିକ , ମହାନ୍ତିପୋଖରୀ ଗ୍ରାମର ପଦ୍ମିନୀ ସିଂ ଓ ବିନାୟକପୁର ଗ୍ରାମର ଅବିନାଶ ବେହେରା ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜବତ ହୋଇଥିବା ମଦର ଆନୁମାନିକ ମୂଲ୍ୟ ୩୫ ହଜାର ଟଙ୍କାରୁ ଅଧିକ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଉକ୍ତ ଚଢ଼ାଉରେ ଖଇରା ଅବକାରୀ ଥାନା ସହ ଉପ-ନିରୀକ୍ଷକ ଦୀପିକା ପରିଡ଼ା ଓ କନେଷ୍ଟବଳ ଦେବାଶିଷ ମଲ୍ଲିକ ପ୍ରଭୃତି ସାମିଲ ଥିଲେ।

## ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେଲେ ବିଧାୟକ ପଦ୍ମଲୋଚନ ପଣ୍ଡା

ବାଲେଶ୍ୱର,୨୦।୪(ସମିସ): ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଆଜି ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦୀର୍ଘଦୁଇ ବର୍ଷ ଧରି ଏହି ପଦବୀରେ କେହି ନଥିବା ବେଳେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏହି ଦାୟିତ୍ୱରେ ଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଜିଲ୍ଲାର ଯୋଜନା ବୋର୍ଡର ଅଧ୍ୟକ୍ଷ ଭାବେ ବହୁ ବିଧାୟକଙ୍କୁ ପ୍ରଦାନ କରିଥିଲେ। ଏହି କ୍ରମରେ ଆଜି ସିମୁଳିଆ ବିଧାୟକ ଶ୍ରୀ ପଣ୍ଡା ଫକୀରମୋହନ ଗୋଲେଇ ଠାରୁ ଏକ ଶୋଭାଯାତ୍ରାରେ ଡିଆରଡିଏ କାର୍ଯ୍ୟାଳୟରେ ପହଁଚି ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଣୁ ତାଙ୍କୁ ଜିଲ୍ଲାପାଳଙ୍କ ସମେତ ପିଡ଼ିଡିଆରଏଡି ଏବଂ



ବହୁ ଅଧିକାରୀ ତାଙ୍କୁ ସ୍ୱାଗତ କରିଛନ୍ତି। ଏହି ଅବସରରେ ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଶ୍ରୀ ପଣ୍ଡା କହିଛନ୍ତି ଯେ, ବାଲେଶ୍ୱର ଜିଲ୍ଲା ହେଉଛି ଧାନ, ପାନ ଓ ମୀନର ଜିଲ୍ଲା। ଏହି ଜିଲ୍ଲାରେ ବିକାଶ ଅଧିକ ହେବ।

## ଅଧ୍ୟାପକଙ୍କ ପରଲୋକ

ଜଳେଶ୍ୱର, ୨୦।୪ (ସମିସ): ଜଳେଶ୍ୱର ଶ୍ରୀଜଗନ୍ନାଥ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଂସ୍କୃତ ବିଭାଗ ଅଧ୍ୟାପକ ଉଦୟ କୁମାର ଗିରି(୫୪) ବର୍ଷ ବୟସରେ ହୃଦଘାତରେ ମୃତ୍ୟୁବରଣ କରିଛନ୍ତି। ଶ୍ରୀ ଗିରିଙ୍କ ପୈତୃକ ଘର ଚମାରଗାଁ ଗ୍ରାମ ପଂଚାୟତର ସରଡିହା ଗ୍ରାମର ହୋଇଥିବା ବେଳେ ସେ ଜଳେଶ୍ୱର ପୌରାଂଚଳର ୧୧ନଂ ୱାର୍ଡର ସ୍ଥାୟୀ ବାସିନ୍ଦା ଥିଲେ। ସେ କିଛିଦିନ ପୂର୍ବରୁ ହୃଦ୍‌ଘାତ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ ଓ ସୁସ୍ଥ ହୋଇ ଘରକୁ ଫେରିଥିଲେ। ମାତ୍ର ଗତ କାଲି ସକାଳେ ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିଥିଲେ। ତାଙ୍କୁ ସ୍ଥାନୀୟ ଜି. କେ. ଭଟ୍ଟର ହସପିଟାଲକୁ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁରେ ପତ୍ନୀ ସ୍ୱର୍ଣ୍ଣଲତା, ଏକ ମାତ୍ର ପୁତ୍ର ଶୋଭମ ଓ ପରିବାର ବର୍ଗ ଦୁଃଖରେ ଭାଙ୍ଗି ପଡିଥିବା ବେଳେ ଅଂଚଳରେ ଶୋକର ଛାୟା ଖେଳିଯାଇଛି।

# ଅକ୍ଷୟ ତୃତୀୟାରେ ମା' ବାରୁଖଣ୍ଡା ପୀଠ ଚଳଚଞ୍ଚଳ

ରାଜଘାଟ, ୨୦।୪ (ସମିସ)

ବୈଶାଖ ଶୁକ୍ଳ ତୃତୀୟା ଦିନଟି ଅକ୍ଷୟ ତୃତୟା ଭାବେ ପରିଚିତ। ଏହି ଦିନକୁ ଔପଚାରିକ ଭାବେ ସରକାରୀ ସ୍ତରରେ କୃଷକ ଦିବସ ରୂପେ ପାଳନ କରାଯାଏ। କୃଷକ ମାନେ ଏହାକୁ ବଡ ଶୁଦ୍ଧି ଓ ସିଦ୍ଧିର ଦିବସ ଭାବେ ପାଳନ କରିଥାନ୍ତି। ଏହି ଦିନ ଅମୃତ ବେଳାରେ ଚାଷୀ ଚାଷକାର୍ଯ୍ୟ ଆରମ୍ଭ କରିଥାନ୍ତି। ଅକ୍ଷୟ ତୃତୀୟା ନେଇ ବସ୍ତା ବ୍ଲକ ଅଞ୍ଚଳ ଉତ୍ସବ ମୁଖରିତ ହୋଇଉଠିଛି। ଏହି ପରିପେକ୍ଷୀରେ ବସ୍ତା ବ୍ଲକ ଅନ୍ତର୍ଗତ ଅମର୍ଦାରୋଡ ନଟାକଟା ପଞ୍ଚାୟତସ୍ଥ ହଦମୌଦ ଗ୍ରାମରେ ସୋମବାର ଅକ୍ଷୟ ତୃତୀୟା ମା' ବାରୁଖଣ୍ଡା ପୀଠ ହୋଇଉଠିଛି ଚଳଚଞ୍ଚଳ। ସୋମବାର ସକାଳୁ ମା'ବାରୁଖଣ୍ଡା ପୀଠରେ ବହୁ ଦୂରଦୂରାନ୍ତରୁ ତଥା ପଡୋଶୀ



ଜିଲ୍ଲାର ମୟୂରଭଞ୍ଜ, ପଶ୍ଚିମବଙ୍ଗ, ବିହାର ତଥା ବାଲେଶ୍ୱର ଜିଲ୍ଲା ଭିନ୍ନଭିନ୍ନ ପ୍ରାନ୍ତରୁ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ଆସି ପୂଜାର୍ଚ୍ଚନା କରିବାରେ ଦେଖିବାକୁ ମିଳିଛି। ଏହି ମେଳା ସର୍ବପୁରାତନ ମେଳା। ପ୍ରାୟ ୧ ଶହ ବର୍ଷରୁ ଉର୍ଦ୍ଧ ହେବ ଏଠାରେ ହୋଇ ଆସୁଛି ବୋଲି କମିଟି ସଦସ୍ୟ ପ୍ରକାଶ କରିଛନ୍ତି। ଏହି ମେଳା କ୍ରମାନ୍ୟୟରେ ତିନିଦିନ ଧରି ହୋଇ ଥାଏ। ପ୍ରତି ବର୍ଷ ପରି ଚଳିତବର୍ଷ ମେଳକୁ ସରସ ସୁନ୍ଦର କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

ମା' ବାରୁଖଣ୍ଡା ଠାରେ ଚର୍ମ ରୋଗୀ ତଥା ସେତଫୁଲା ରୋଗର ମାନସିକ କଲେ ଖୁବ ଶିଘ୍ର ମାନସିକ ପୁରାଣ ହୋଇଥାଏ ବୋଲି ବିଶ୍ୱାସ କରି ଆବାଳ,ବୃଦ୍ଧ ବନିତା ମା' ବାରୁ ଖଣ୍ଡାଙ୍କୁ ପୂଜା ଅର୍ଚ୍ଚନା କରିଥାନ୍ତି ଏବଂ ମାନସିକ ପୂରଣ ହେବାର ନଜିର ମଧ୍ୟ ରହିଛି। ମା'ଙ୍କୁ ବିଶ୍ୱାସ କରି ଲୋକ ମାନେ ପ୍ରତିବର୍ଷ ମାନସିକ ପୂରଣ କରିବା ପାଇଁ ମା' ବାରୁଖଣ୍ଡା ମନ୍ଦିରରେ ଚୂନ ଲେପନ କରିଥାନ୍ତି। ଏଠାରେ ଓଡ଼ିଶାର ହସ୍ତ ଶିଳ୍ପ କାରିଗରଙ୍କର ବିଭିନ୍ନ ପ୍ରକାର ବାଉଁଶରେ ତିଆରି କୁଲା,ଚଲ୍ଲା,ପାଛିଆ ସହିତ ମାଟିରେ ହାଣ୍ଡି,ସୁରେଇ,କଳସ ସାଙ୍ଗକୁ ବିଭିନ୍ନ ପ୍ରକାରର ଘର କରଣା ଜିନିଷକୁ ନେଇ ମେଳାର ପରିଚୟ ଦେଇଥାଏ ମନୋ ରଞ୍ଜନ ପାଇଁ ମେଳାରେ ବିଭିନ୍ନ ପ୍ରକାରର ଷ୍ଟଲ ସହିତ ପଡୋଶୀ ଜିଲ୍ଲା ମୟୂରଭଞ୍ଜର ଜଙ୍ଗଲ ଜାତୀୟ ଦ୍ରବ୍ୟ ଯଥା ଲାଖ,ଝୁଣା, ସାହାଡ଼ା ,ବାହାଡ଼ା, ଅଁଳା, ଚାରକୋଳୀ, ତାଳସଜ ସହିତ ବିଭିନ୍ନ ପ୍ରକାରର ଜଙ୍ଗଲ ଜାତୀୟ ଔଷଧ ଆଦି ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ଏହା ସହିତ ମୀନାବଜାର ଓ ବିଭିନ୍ନ ପ୍ରକାର ଦୋକାନୀମାନେ ଦୋକାନ କରିଥିବା ଦେଖିବାକୁ ମିଳେ। ପ୍ରତିବର୍ଷ ପରି ଚଳିତ ବର୍ଷ ପ୍ରଚଣ୍ଡ ଖରାକୁ ଲକ୍ଷ୍ୟରେ ରଖି ଭକ୍ତ,ଶ୍ରଦ୍ଧାଳୁ ଓ ମେଳା ପ୍ରେମୀ ଙ୍କ ପାଇଁ ପଞ୍ଚାୟତର ଯୁବ ଗୋଷ୍ଠୀଙ୍କ ଦ୍ୱାରା ଦହି ସର୍ବତ, ପାଣି ବଣ୍ଟନ କରାଯାଇଥିଲା। ନନ୍ଦ ବଂଶ ପରିବାର ସହିତ ଗ୍ରାମବାସୀ ପ୍ରମୁଖ ସହଯୋଗରେ ଏହି ଉତ୍ସବ ପରିଚାଳିତ ହୋଇଛି। ମେଳାରେ ପ୍ରବଳଭିଡ଼ ହେଉଥିବାରୁ ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୁଲିସ ବ୍ୟବସ୍ଥା କରାଯାଇଛି।

# ଜଳେଶ୍ୱର ରେଳ ଷ୍ଟେସନର ବିକାଶ ଦାବିରେ ତେଜିଲା ଆନ୍ଦୋଳନ

ଜଳେଶ୍ୱର, ୨୦।୪ (ସମିସ)



**୨୭ରେ ହେବ ବିକ୍ଷୋଭ**

ସମାଜ କଲ୍ୟାଣ ବିକାଶ ପରିଷଦର ଆହ୍ୱାନ କ୍ରମେ ଆଜି ଜଳେଶ୍ୱରର ବହୁ ସାମାଜିକ ସଂଗଠନ ଓ ବୁଦ୍ଧିଜୀବୀମାନଙ୍କୁ ନେଇ ସଂଗଠନର ଉପସଭାପତି ଡ. ଅଜିତ୍ କୁମାର ମହାନ୍ତି ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଦକ୍ଷିଣପୂର୍ବ ରେଳ ଡିଭିଜନ୍ର ଖଡଗପୁର ଓ ବାଲେଶ୍ୱର ମଧ୍ୟରେ ଜଳେଶ୍ୱର ରେଳ ଷ୍ଟେସନ ଏକ ପ୍ରମୁଖ ଷ୍ଟେସନଭାବେ ପରିଗଣିତ ହେଉଥିବା ବେଳେ ଏହାର ଆଖିଦୃଶିଆ ବିକାଶ ହୋଇପାରିନାହିଁ। ଅମୃତଭାରତ ଯୋଜନାରେ ଜଳେଶ୍ୱର ରେଳ ଷ୍ଟେସନକୁ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ କାର୍ଯ୍ୟଗୁଡିକ ନିମ୍ନମାନର ହେବା ସହିତ କେତେକ ସର୍ବନିମ୍ନ ସୁବିଧା ମଧ୍ୟ ଉପଲବ୍ଧ ହେଉନାହିଁ। ଫଳରେ ଜଳେଶ୍ୱର ସହିତ ଭୋଗରାଇ, ବାଲିଆପାଳ, ବସ୍ତା, ରାସଗୋବିନ୍ଦପୁର ଓ ପଶ୍ଚିମବଙ୍ଗର ଦାନ୍ତୁନ, ଦିଘା, କାନ୍ଥି, ମହନପୁର ଇତ୍ୟାଦି ଅଂଚଳର ପ୍ରାୟ ୨୦ଲକ୍ଷରୁ ଊର୍ଦ୍ଧ ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସଂପର୍କରେ ବିଭିନ୍ନ ସମୟରେ ରେଳ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବାରୁ ପୂର୍ବ ସୂଚନା ଅନୁସାରେ ଆସନ୍ତା ୨୭ ତାରିଖରେ ରେଳ ଷ୍ଟେସନଠାରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ଲକ୍ଷ୍ମଣନାଥ ଠାରୁ ଭଦ୍ରକ ଓ ବାଙ୍ଗିରିପୋଷି ଠାରୁ ରୂପସା ପର୍ଯ୍ୟନ୍ତ ରେଳପଥକୁ ଇଷ୍ଟକୋଷ୍ଟ ଡିଭିଜନ୍ରେ ସଂଯୋଗ କରିବା, ଜଳେଶ୍ୱରରେ ହେଉଥିବା ଅମୃତଭାରତ ଯୋଜନାର କାର୍ଯ୍ୟ ଦ୍ରୁତ ବେଗରେ କରାଯିବା, ଷ୍ଟେସନରେ ପଦଚଲା ଓଭରବ୍ରିଜ୍ ନିର୍ମାଣ ହେବା ସହିତ ତୁରନ୍ତ ଅସ୍ଥାୟୀ ଭାବେ ନିର୍ମାଣ ହେବା, ଜଳେଶ୍ୱର- ପଶ୍ଚିମବାର୍ଡ଼ ରାସ୍ତାର ୪୬ ଲେଭେଲ କ୍ରସିଂଠାରେ ରେଳ ଓଭରବିଜ୍ କିମ୍ବା ଅଣ୍ଡରପାସ୍ ନିର୍ମାଣ ହେବା, ଦେଶର ବିଭିନ୍ନ ମୁଖ୍ୟ ସହରକୁ ଯାଉଥିବା ଟ୍ରେନ୍ର ରହଣୀ ଇତ୍ୟାଦି ୫ଦଫା ଦାବୀ ନେଇ ଆସନ୍ତା ୨୭ତାରିଖରେ ସମସ୍ତ ସାମାଜିକ ସଂଗଠନ ଓ ବୁଦ୍ଧିଜୀବୀଙ୍କ ନେଇ ୩ ଘଣ୍ଟିଆ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସଂପାଦକ ଆଇନ୍ଜୀବୀ ରାମଚନ୍ଦ୍ର ଜେନା, ସଭାପତି ଡ. ରମାକାନ୍ତ ଭଂଜ, ଡ. ଅକ୍ଷୟ କୁମାର ପରିଡା, ଇଂ ରାମଚନ୍ଦ୍ର ଜେନା, କମଳ ଚକ୍ରବର୍ତ୍ତୀ, ବନମାଳୀ ଧଳ, ଶରତ ପରିଡା, ମୂରଲୀ ମୋହନ ପ୍ରଧାନ, ରଜନୀକାନ୍ତ ଭୂୟାଁ, ଡ. ଲଳିତ ରଂଜନ ସେନାପତି ପ୍ରମୁଖ ବହୁ ବୁଦ୍ଧିଜୀବୀ ଚେତାବନୀ ଦେଇଛନ୍ତି।

# ଗୀତଗୋବିନ୍ଦ ରଚୟିତା କବି ଶ୍ରୀଜୟଦେବ ଜୟନ୍ତୀ

ବାଲେଶ୍ୱର,୨୦।୪(ସମିସ): ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଜିଲ୍ଲାପାଳଙ୍କ ଅଡିଟୋରିୟମ ହଲରେ ଗୀତଗୋବିନ୍ଦ ରଚୟିତା କବି ଶ୍ରୀ ଜୟଦେବ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ଜୟନ୍ତୀ ସମାରୋହରେ ଅତିରିକ୍ତ ସିତାଂଶୁ ଶେଖର ଦାସ, ଅସ୍ମିତା ଦାଶ, ପ୍ରବୋଧ କୁମାର ମଲ୍ଲିକ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ସାଇକୃଷ୍ଣ ଜେନା, ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଜୟଦେବଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ସାଇ ନୃତ୍ୟ ସଙ୍ଗୀତ ମହାବିଦ୍ୟାଳୟର କଳାକାରମାନଙ୍କ ଦ୍ୱାରା ଜୟଦେବଙ୍କ ରଚିତ ଗୀତଗୋବିନ୍ଦ ଆଧାରିତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି ସମାରୋହରେ ଅତିଥିମାନେ ଭକ୍ତକବି ଜୟଦେବଙ୍କୁ ଜଣେ ମହାନ କବି ଭାବେ ବର୍ଣ୍ଣନା କରି ତାଙ୍କ ରଚିତ ଅମରକୃତି ଗୀତଗୋବିନ୍ଦ ସମଗ୍ର ବିଶ୍ୱ କାବ୍ୟ ସାହିତ୍ୟରେ ଯୁଗ ଯୁଗ ଧରି କାଳଜୟୀ ହୋଇ ରହିବ ଏବଂ ଶ୍ରୀ ଜୟଦେବ ଆମ ଓଡ଼ିଶାର ଗର୍ବ ଓ ଗୌରବ ଏବଂ ତାଙ୍କ କାଳଜୟୀ ରଚନା ଆମ ସଂସ୍କୃତି ଓ ପରମ୍ପରାକୁ ଋଦ୍ଧିମନ୍ତ କରୁଥିବ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ କବି ପ୍ରଶାନ୍ତ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ବେଳେ କାବ୍ୟଶିଳ୍ପୀ ସର୍ବେଶ୍ୱର ଦାସ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇ ନିଜର ମତ ରଖିଥିଲେ। ଏହି ସମାରୋହରେ ବିଭିନ୍ନ ବିଭାଗୀୟଅଧିକାରୀ ଓ କର୍ମଚାରୀ ଏବଂ କଳାକାରମାନେ ଯୋଗ ଦେଇଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତ ସଭା ପରିଚାଳନା କରିଥିଲେ।

# ବାଲିଆପାଳ ଇସ୍କନ ମନ୍ଦିରର ବାର୍ଷିକ ଉତ୍ସବ

କାଳିପଦା, ୨୦।୪ (ସମିସ): ବାଲିଆପାଳ ପଞ୍ଚାୟତ କରୁଆପଡ଼ାରେ ଥିବା ଇସ୍କନ ମନ୍ଦିରରେ ସୋମବାର ୧୧ତମ ବାର୍ଷିକ ଉତ୍ସବ ପାଳିତ ହୋଇ ଯାଇଛି। ଏହି ଅବସରରେ ମନ୍ଦିର ପରିସରରୁ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ନଗର କୀର୍ତ୍ତନ ଦଳ ବାହାରି ବାଲିଆପାଳ ଅଞ୍ଚଳର ବିଭିନ୍ନ ଛକ ବଜାର ଜଗନ୍ନାଥ ମନ୍ଦିର ଛକ ଆଦି ସ୍ଥାନ ପରିକ୍ରମା କରି ମନ୍ଦିରକୁ ଫେରି ଥିଲେ। ଏହି ଅବସରରେ ଅନୁଷ୍ଠିତ ହରି କଥା ଅମୃତ ପୂର୍ବାହ୍ନ ୧୧ ଟାରୁ ଆରମ୍ଭ ହୋଇ ଅପରାହ୍ନ ୧ଘଟିକା ତିରିଶ ମିନିଟରେ ଶେଷ



ହୋଇଥିଲା। ଶତାଧିକ ମହିଳା ପୁରୁଷ ଭକ୍ତ ଉପସ୍ଥିତ ହୋଇ ହରିକଥା ଶ୍ରବଣ କରିଥିଲେ। ବିଭିନ୍ନ ସ୍ଥାନରେ ଥିବା ନାମ ହଟର ସଭାପତିଙ୍କ ସହିତ ବହୁ ସନାତନୀ ରାଧା କୃଷ୍ଣ ପ୍ରେମୀ ଯୋଗଦେଇ ପ୍ରବଚନ ମାଧ୍ୟମରେ ହରି କଥା ଶ୍ରବଣରେ ମଜିଥିଲେ। ସନ୍ଧ୍ୟା ଆରତୀ ପରେ ଇସ୍କନ ପକ୍ଷରୁ ଶ୍ରୀ ଶ୍ରୀ ରାଧା ମଦନମୋହନଙ୍କ ଜୀବନ ଦର୍ଶନ ଉପରେ ଏକ ସ୍ୱତନ୍ତ୍ର ନାଟକ ଅଭିନୟ ହୋଇଥିଲା। ଡା. ହରେକୃଷ୍ଣ ଦାସଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମାପନ ହୋଇଥିଲା।

# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ସଂଘ ଶତାବ୍ଦୀର ଯାତ୍ରା

ଜଳେଶ୍ୱର, ୨୦।୪ (ସମିସ): ପରିବେଶ ସୁରକ୍ଷା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ ବରଂ ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ ବୋଲି ସ୍ୱୟଂ ସେବକ ସଙ୍ଘର ଶତାବ୍ଦୀ ବର୍ଷ ପାଳନ ଅବସରରେ ଆୟୋଜିତ ପ୍ରମୁଖ ଜନ ସଂଗୋଷ୍ଠୀ ସମ୍ମିଳନୀରେ ଯୋଗଦେଇ ବକ୍ତାମାନେ ମତ ପ୍ରକାଶ କରିଛନ୍ତି। ଜଳେଶ୍ୱର ନଗର ଓ ଖଣ୍ଡ, ବସ୍ତା, ବାଲିଆପାଳ ଓ ଭୋଗରାଇ ଖଣ୍ଡ ତରଫରୁ ପ୍ରମୁଖ ଜନ ସଂଗୋଷ୍ଠୀ ସମ୍ମିଳନୀ ଜଳେଶ୍ୱର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଓଡିଶା ପୂର୍ବପ୍ରାନ୍ତର ସହପ୍ରାନ୍ତ




କାର୍ଯ୍ୟବାହ ରବିନରାୟଣ ପଣ୍ଡା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସମାଜରେ ସଂଘର ଗଠନ ମୂଳକ ଭୂମିକା ଉପରେ ଆଲୋକପାତ କରିଥିଲେ। ସାମାଜିକ ସମରସତା, କୁଟୁମ୍ବ ପ୍ରବୋଧନ, ନାଗରିକ କର୍ତବ୍ୟ, ସ୍ୱ-ବୋଧ ଏବଂ ପରିବେଶ ସୁରକ୍ଷା ବିଷୟରେ ଆଲୋଚନା କରିବା ସହିତ ପ୍ରତ୍ୟେକ ଭାରତୀୟ ପରିବାର ସେମାନଙ୍କର ପୂର୍ବପୁରୁଷଙ୍କ କାହାଣୀ ଗୁଡିକୁ ମନେ ରଖିବା ଉଚିତ ଏବଂ ନୂତନ ପିଢିରେ ସାମାଜିକ ଏବଂ ରାଷ୍ଟ୍ରୀୟ ଦାୟିତ୍ୱର ଭାବନା ସୃଷ୍ଟି କରିବା ଉଚିତ ବୋଲି କହିଥିଲେ। ମଂଚରେ ବାଲେଶ୍ୱର ଜିଲ୍ଲା ସଂଘ ପରିଚାଳକ ଶୁଭ୍ରାଂଶୁ ଶେଖର ଦାସ ମହାପାତ୍ର ଉପସ୍ଥିତ ଥିବା ବେଳେ ସଂଯୋଜକ ଶିବନାରାୟଣ ଗିରି ମଂଚ ସଂଯୋଜନା କରିଥିଲେ।

# ପଞ୍ଚମୁଖି ହନୁମାନଙ୍କ ମୁଖ୍ୟ ମନ୍ଦିର ନିର୍ମାଣ କାର୍ଯ୍ୟାରମ୍ଭ

ବାଲେଶ୍ୱର,୨୦।୪ (ସମିସ): ସଦର ବ୍ଲକ ଅର୍ନ୍ତଗତ ରସାଳପୁର ଗ୍ରାମପଂଚାୟତର ରସାଳପୁର ଗ୍ରମର ପଞ୍ଚମୁଖି ଶ୍ରୀ ହନୁମାନଙ୍କ ଏକ ଭବ୍ୟ ମନ୍ଦିର ନିର୍ମାଣ କରାଯାଉଛି। ଉକ୍ତ ମନ୍ଦିରରେ ଆଗରୁ ମୁଖ୍ୟ ଆସ୍ଥାନ ନିର୍ମାଣ ହୋଇସାରିଥିବା ବେଳେ ଆଜି ପବିତ୍ର ଅକ୍ଷୟ ତୃତୀୟା ଥିବାରୁ ମୁଖ୍ୟ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି। ପଞ୍ଚମୁଖୀ ହନୁମାନ କମିଟିର କର୍ମକତା ଏବଂ ସଦସ୍ୟଙ୍କ ଦ୍ୱାରା କାର୍ଯ୍ୟ ପରିଚାଳନା କରାଯାଉଛି।



# ଚଡ଼ ପାଳପଡାଠାରେ ଅଖିମୁଠି ଅନୁକୂଳ



କାଳିପଦା, ୨୦।୪ (ସମିସ): ବାଲିଆପାଳ ବ୍ଲକ ଅସ୍ତି ପଞ୍ଚାୟତ ସୁବର୍ଣ୍ଣ ରେଖା ନଦୀ କୂଳ ଚଡପାଳପଡା ଗାଁ ଜମିରେ ସୋମବାର ଭାରତୀୟ ଜନତା ପାର୍ଟି ପକ୍ଷରୁ ଅଖିମୁଠି ଅନୁକୂଳ ହୋଇଛି। ପାରମ୍ପରିକ ରୀତି ନୀତି ଅନୁଯାୟୀ ବ୍ରାହ୍ମଣ ପୂଜା ହୋମ ଆଦି କଲା ପରେ ବିଲରେ ହଳ କରାଯାଇଥିଲା। ପରେ ଦଳର ବରିଷ୍ଠ ନେତା ତଥା ସାଂସଦ ପ୍ରତିନିଧି ରବୀନ୍ଦ୍ର ନାଥ ଅଣ୍ଡିଆ ବିଲରେ ଅଖି ମୁଠି ଅନୁକୂଳ କରି ଲଙ୍ଗଳ ବୋଲାଇ ଥିଲେ। ଦଳର ବାଲିଆପାଳ ମଣ୍ଡଳ ସଭାପତି ଅକ୍ଷୟ କୁମାର ପାତ୍ର, ଖପରାପଦା ମଣ୍ଡଳ ସଭାପତି ରତିକାନ୍ତ ବାରିକ,ମଣ୍ଡଳ କୃଷକ ମୋର୍ଚ୍ଚା ସଭାପତି ଖଗେନ୍ଦ୍ର ନାଥ ନାୟକ, ଲକ୍ଷ୍ମୀଧର ପାତ୍ର, ବାଲିଆପାଳ ସରପଞ୍ଚ ପ୍ରତିନିଧି ହେମନ୍ତ ଦାସ, ନିଖିରା ସରପଞ୍ଚ ଅଞ୍ଜନ ଗିରି, କୁମ୍ଭୀର ସରପଞ୍ଚ ପ୍ରତିନିଧି ଜୟନାରାୟଣ ମହାପାତ୍ର, ଅସ୍ତି ସମିତି ସଦସ୍ୟା ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ପାତ୍ର ପ୍ରମୁଖ ଅଖି ମୁଠି ଅନୁକୂଳ କରି ବିଲରେ ବିହନ ବୁଣିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅନନ୍ତ କୁମାର ବିଶ୍ୱାଳ, ଦିଲ୍ଲୀପ ପାତ୍ର, ଉଜ୍ଜଳ ଗିରି, ଧନଞ୍ଜୟ କୁମାର ପାତ୍ର ପ୍ରମୁଖ ଦଳୀୟ ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ।

# ଶତାୟୁ ମହିଳାଙ୍କ ଦେହାନ୍ତ

କାଳିପଦା, ୨୦।୪ (ସମିସ): ବାଲିଆପାଳ ବ୍ଲକ ବଡାଶ ପଞ୍ଚାୟତର ସେତେବେଳର ପୁଲିସ ଫାଣ୍ଡି ଯେଉଁ ଘରେ ଭଡ଼ାରେ ଚାଲିଥିଲା ସେହି ଘର ମହାଦେବ ମଣ୍ଡପ ପାଖରେ ଥିବା ମାହ୍ଲୁ ରାଣୀ ସାହୁଙ୍କ ୧୦୨ବର୍ଷ ବୟସରେ ସୋମବାର ଦେହାନ୍ତ ହୋଇଛି। ତାଙ୍କର ଏକମାତ୍ର ପୁଅ ବିଦ୍ୟାଧରର ଦଶ ବର୍ଷ ପୂର୍ବରୁ ଦେହାନ୍ତ ହେଲାଣି। ସେ ଥିଲେ ତତ୍କାଳୀନ କବିରାଜ ସମ୍ଭ୍ରାନ୍ତ ପଞ୍ଚାନନ ସାହୁଙ୍କର ଦ୍ୱିତୀୟ ସ୍ତ୍ରୀ। ସେ ଜଣେ ପରୋପକାରୀ ମହିୟସୀ ମହିଳା ରୂପେ ଚାନ୍ଦମଣିରୁ ବଡାଶ ଯାଏ ସର୍ବ ପରିଚିତ। ସେ ବୈଷ୍ଣବ ଧର୍ମରେ ଦୀକ୍ଷିତ ଥିଲେ। ତାଙ୍କର ନାତି ଗୋପାଳ କୃଷ୍ଣ ଦାସ ମୁଖାଗ୍ନି ଦେଇଛନ୍ତି।

# ନଅ ଚିତ୍ରକର ନେଲେ ୮ ଜଗନ୍ନାଥ ମନ୍ଦିରରୁ ପଟିଦିଆଁ ଅଙ୍କନ ସ୍ୱୀକୃତି

ବାଲେଶ୍ୱର,୨୦।୪(ସମିସ): ଅକ୍ଷୟ ତୃତୀୟା ଅବସରରେ ଅଖିମୁଠି ଅନୁକୂଳ, ଶୁଭାରମ୍ଭ, ପ୍ରତିଷ୍ଠା ଇତ୍ୟାଦି କରାଯିବାର ପରମ୍ପରା ଥିବାବେଳେ ଶ୍ରୀ ଜଗନ୍ନାଥ ମନ୍ଦିରରେ ଚିତ୍ରକରମାନଙ୍କୁ ପଟିଦିଆଁ ଅଙ୍କନ ପାଇଁ ଆଜ୍ଞାମାଳ ଓ ବସ୍ତ୍ର ପ୍ରଦାନ ପୂର୍ବକ ସ୍ୱୀକୃତି ପ୍ରଦାନ କରାଯାଏ। ଏହି ଅବସରରେ ନୋସି କଳଚୁରାଲ ଏକାଡେମୀ ଓ ବାଲେଶ୍ୱରୀ କଳା କେନ୍ଦ୍ର ଆୟୋଜିତ ହେଉଥିବା ୧୨ତମ ପଟିଦିଆଁ ଅଙ୍କନ ଉତ୍ସବ ପାଇଁ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର ୮ ଟି ଜଗନ୍ନାଥ ମନ୍ଦିରରୁ ୯ ଜଣ ଚିତ୍ରକର ସ୍ୱୀକୃତି ଗ୍ରହଣ କରିଛନ୍ତି। ଗଣେଶ୍ୱରପୁରର ତ୍ରାହି ଅଚ୍ୟୁତ ଜଗନ୍ନାଥ ମନ୍ଦିର, ଛନପୁର୍ ଜଗନ୍ନାଥ ମନ୍ଦିର, ରେମୁଣା ମଧୁପୁର ଜଗନ୍ନାଥ ମନ୍ଦିର, ନୀଳଗିରି ଜଗନ୍ନାଥ ମନ୍ଦିର, ସାଶଙ୍ଗ ଜଗନ୍ନାଥ ମନ୍ଦିର,



ଜୟଦେବ କସବା ଜଗନ୍ନାଥ ମନ୍ଦିର, ବେତନଟୀ ଜଗନ୍ନାଥ ମନ୍ଦିର, ଦୁବଲାଗଡି ଜଗନ୍ନାଥ ମନ୍ଦିରରୁ ବଡ ଠାକୁର ବଳଭଦ୍ର (ଅନନ୍ତ ବାସୁଦେବ) ପାଇଁ ଗଦାଧର ମହାନ୍ତି, ଭବାନୀ ଶଙ୍କର ନାୟକ, ପ୍ରଦୀପ ବାଡି, ସୁଭଦ୍ରା (ମା ଭୁବନେଶ୍ୱରୀ) ପାଇଁ ଦେବାଶିଷ ପତି, ଭବଶଙ୍କର ସାହୁ ଓ ସମୀର ବେହେରା, ଜଗନ୍ନାଥ (ଅନନ୍ତ ନାରାୟଣ) ପାଇଁ ଶିଳ୍ପୀ କେଶୁ ଦାସ, ଅରୁଣ ବାରିକ ଓ ଅଙ୍କିତ ଦାସ ପ୍ରମୁଖ ମନ୍ଦିର ତରଫରୁ ଆଜ୍ଞାମାଳ ଓ ବସ୍ତ୍ର ପ୍ରଦାନ ପୂର୍ବକ ସ୍ୱୀକୃତି ପ୍ରଦାନ କରିଥିଲେ। ସମସ୍ତ ମନ୍ଦିର ତରଫରୁ ମନୋରଞ୍ଜନ ସାହୁ, ରବୀନ୍ଦ୍ର ଚଣ୍ଡ ଓ ସପରିବାର, ଶଶଧର ପଣ୍ଡା, ହର ନାରାୟଣ ମଡୁଆଳ, ବିଶ୍ୱନାଥ ବିଶ୍ୱାଳ, ରାଜକିଶୋର ରାୟ, କୁନା ନନ୍ଦ, ବ୍ରହ୍ମା, ପୁଣ୍ୟଶ୍ଳୋକ ବ୍ରହ୍ମା, ପ୍ରଭାସ ଦାସ, ବିଶିଷ୍ଟ ପାରମ୍ପରିକ ଚିତ୍ରକର ଶ୍ରୀଧର ମହାରଣା, ପୂର୍ଣ୍ଣ ଚନ୍ଦ୍ର ପଣ୍ଡା, ବିଜୟ ଶତପଥି, ଜୀବନ ଶତପଥି ପ୍ରମୁଖ ଯୋଗ ଦେଇଥିଲେ। ପ୍ରକାଶ ଥାଉ କି, ଆସନ୍ତା

## ବାଲେଶ୍ୱରରେ ୧୨ତମ ପଟିଦିଆଁ ଅଙ୍କନ ଉତ୍ସବ ପାଇଁ ଅକ୍ଷୟ ତୃତୀୟାରେ ସ୍ୱୀକୃତି ପର୍ବ

ଜୁନ୍ ୨୪ରୁ ୨୯ (ପବିତ୍ର ସ୍ନାନ ପୂର୍ଣ୍ଣିମା) ୬ ଦିନ ଧରି ବିଗତ ବର୍ଷ ପରି ନୋସି ଉତ୍କଳା ପରିସରରେ ପାରମ୍ପରିକ ପଟିଦିଆଁ ଅଙ୍କନ, ପଟ୍ଟଚିତ୍ର କର୍ମଶାଳା, ପ୍ରଦର୍ଶନୀ, ଆଲୋଚନା ସହ ଶାସ୍ତ୍ରୀୟ ସଙ୍ଗୀତ ଓ ନୃତ୍ୟ, ଚଢ଼େଇଯା ନାଟ ଇତ୍ୟାଦି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ।

# ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଜଳଛତ୍ର

ବାଲେଶ୍ୱର,୨୦।୪(ସମିସ): ପବିତ୍ର ଅକ୍ଷୟ ତୃତୀୟା ଅବସରରେ ସଦର ବ୍ଲକ ହଳଦୀପଦା ରମାକାନ୍ତବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ



ହଳଦୀପଦା ବଜାର ଠାରେ ଏକ ଜଳଛତ୍ର ଶୁଭାରମ୍ଭ କରାଯାଇଛି। ପଥଚାରୀ ତଥା ସ୍ଥାନୀୟ ଲୋକଙ୍କୁ ଥଣ୍ଡାପାଣି ସାଙ୍ଗକୁ ଦହିସରବତ ପ୍ରଦାନ କରାଯାଇଛି। ବିଦ୍ୟାଳୟର ସଭାପତି କାର୍ତିକଚନ୍ଦ୍ର ବାରିକଙ୍କ ସହ ସମ୍ପାଦକ ଗଣେଶ୍ୱର ସାହୁଙ୍କ ଉପସ୍ଥିତିରେ ଏହି ଜଳଛତ୍ରକୁ ଉଦଘାଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ବଂଶୀଧର ସାହୁ, ଯୁଗ୍ମ ସମ୍ପାଦକ ମହେନ୍ଦ୍ର କୁମାର ସାହୁ, କୋଷାଧ୍ୟକ୍ଷ ଶରତଚନ୍ଦ୍ର ଜେନା, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ସାଗରିକା ଜେନା, ସହ ପ୍ରଧାନ ଆଚାର୍ଯ୍ୟା ସବିତା ରଣା, ଶ୍ରଦ୍ଧାଞ୍ଜଳୀ ପ୍ରଧାନ, ବବିତା ମଞ୍ଜରୀ ପାଲ, ସୁରେଶଚନ୍ଦ୍ର ଖଟୁଆ, ଶମ୍ଭୁନାଥ ମହାଳିକ, ସୁନିତା ପଣ୍ଡା, ଲକ୍ଷ୍ମୀଧର ବାରିକ, ସସ୍ମିତା ଲେଙ୍କା, ଦୀପକ କୁମାର ସାହୁ, ନମିତା ଦାସ, ପ୍ରୀୟଙ୍କା ପାତ୍ର, ଦିଲ୍ଲୀପ ଚୌଧୁରୀ, ସହାୟିକା ସାବିତ୍ରୀ ଜେନା ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଅକ୍ଷୟ ତୃତୀୟା ଅବସରରେ କୃଷକ ଦିବସ ପାଳିତ

ବାଲେଶ୍ୱର,୨୦।୪(ସମିସ): ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ତିଥିରେ ଅକ୍ଷୟ ତୃତୀୟା ପାଳନ କରାଯାଏ। ଏହି ଅବସରରେ ଜିଲ୍ଲା ମୁଖ୍ୟକୃଷି କାର୍ଯ୍ୟାଳୟ ପକ୍ଷରୁ ବାଲେଶ୍ୱରରେ ଜିଲ୍ଲା ସ୍ତରୀୟ କୃଷକ ଦିବସ ପାଳନ କରାଯାଇଛି। ଏ ନେଇ ସେରଗଡ ସରକାରୀ ବିହନ ଫାର୍ମଠାରେ ଆୟୋଜିତ କୃଷକ ଦିବସରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅଖିମୁଠି ଅନୁକୂଳ କରିଥିଲେ। ଓଡିଆ ସଂସ୍କୃତି ଓ ପରମ୍ପରାରେ ଏହାର ମାହାତ୍ମ୍ୟ ବେଶ ଅଧିକ ବୋଲି ସେ କହିଥିଲେ। ଆଜିର ଦିନ କୃଷିକାର୍ଯ୍ୟ ଆରମ୍ଭ ହୁଏ। କୃଷକମାନେ ମାଟି ମା'କୁ ପୂଜା କରି ଅଖିମୁଠି ଅନୁକୂଳ ସହ କୃଷି କାର୍ଯ୍ୟ ଆରମ୍ଭ କରିଥାନ୍ତି। ଅନ୍ୟ ବର୍ଷ ତୁଳନାରେ ଚଳିତ ବର୍ଷ ବାଲେଶ୍ୱର ଜିଲ୍ଲାରେ ଭଲ ଚାଷ ହେବ ଏବଂ କୃଷି ଓ କୃଷକଙ୍କ ଉନ୍ନତି ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସାଂସଦ ଷଡଙ୍ଗୀ ସୂଚନା ଦେଇଥିଲେ। ସେହିପରି ସରକାରୀ



ଦଳର ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ କ୍ଷେତରେ ହଳ କରିବା ସହ କୃଷକ ଦିବସ ପାଳନ ସମ୍ପର୍କରେ ସୂଚନା ଦେଇଥିଲେ। ରେମୁଣା ବ୍ଲକ ଚେୟାରମେନ ରାଜେନ୍ଦ୍ର ରାଉତ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଜିଲ୍ଲାପରିଷଦ ସଦସ୍ୟା କଲ୍ୟାଣୀ ବାରିକ, ରବି ନାରାୟଣ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ସେଠାରେ ଆୟୋଜିତ ସଭାରେ ଜିଲ୍ଲା ମୁଖ୍ୟକୃଷି ଅଧିକାରୀ ବିଶ୍ୱଜିତ ପଣ୍ଡା ଅଧ୍ୟକ୍ଷତା କରିବା ସହ କୃଷକ ଦିବସ ପାଳନ ସମ୍ପର୍କରେ ଆଲୋକପାତ କରିଥିଲେ। ସହକାରୀ କୃଷି ଅଧିକାରୀ ଲିଜା ଦାସ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ସହକାରୀ ନିର୍ଦ୍ଦେଶକ ସରୋଜ କୁମାର ଗିରି ଶେଷରେ ଧନ୍ୟବାଦ ଦେଇଥିଲେ। କୃଷି ଅଧିଦର୍ଶକ ଗୋପିନାଥ କାମିଲା, ଅଜୟ ଗୋଛାୟତ, କାର୍ତ୍ତିକ ଚନ୍ଦ୍ର ବେହେରା, ଡିଡିଏଚ ପ୍ରଦୀପ ବଳ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# କ୍ରିୟାନୁଷ୍ଠାନ କମିଟିର ଶୋକସଭା

ବାଲେଶ୍ୱର,୨୦।୪(ସମିସ): ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟିର ପ୍ରତିଷ୍ଠାତା ସାଧାରଣ ସଂପାଦକ ତଥା ବରିଷ୍ଠ ସମାଜସେବୀ ଭଗବାନ ରାଉତଙ୍କ ବିୟୋଗରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି। ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ସଭାପତି ନିରଞ୍ଜନ ପରିଡାଙ୍କ ଅଧ୍ୟକ୍ଷତାରେ କ୍ରିୟାନୁଷ୍ଠାନ କମିଟିର ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ



ସଦସ୍ୟମାନେ ସ୍ୱର୍ଗତ ରାଉତଙ୍କର ସ୍ମୃତିଚାରଣ କରି ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ଗଭୀର ସମବେଦନା ଜଣାଇଥିଲେ। ସ୍ୱର୍ଗତ ରାଉତ ନିଜ ଅଂଚଳରେ ଶିକ୍ଷାର ପ୍ରସାର ପାଇଁ ପ୍ରାଥମିକ ବିଦ୍ୟାଳୟରୁ ମହାବିଦ୍ୟାଳୟ ପ୍ରତିଷ୍ଠା କରିବାରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ତାଙ୍କର ସରକାରୀ ଚାକିରି କାଳରେ ସେ କର୍ମଚାରୀମାନଙ୍କୁ ସଙ୍ଗଠିତ କରି ରାଜ୍ୟସ୍ତରରେ ବହୁ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। କ୍ରିୟାନୁଷ୍ଠାନ କମିଟିର ସାଧାରଣ ସମ୍ପାଦକ ପ୍ରଦୀପ ଦାସ,ପୂର୍ବତନ ସଭାପତି ମମତା ମହାପାତ୍ରଙ୍କ ସମେତ ଅର୍ଚ୍ଚନା ନନ୍ଦୀ, ଗୌରାଙ୍ଗ ପାଣିଗ୍ରାହୀ, ଡ କ୍ଷିତିଶ୍ୱର ଦାସ,ରମେଶ ଚନ୍ଦ୍ର ଜେନା,ସରସ୍ୱତୀ ପଣ୍ଡା,ଇଂ ବନମାଳୀ ନାୟକ, ଦୟାନିଧି ମହାପାତ୍ର, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ଶଚୀନ୍ଦ୍ର ଦାସ ଓ ଅଭୟ ଚନ୍ଦ୍ର ମିଶ୍ର ପ୍ରମୁଖ ସ୍ୱର୍ଗତ ରାଉତଙ୍କ ବହୁବିଧ ଗୁଣାବଳୀର ବର୍ଣ୍ଣନା କରିଥିଲେ। ତାଙ୍କ ଦେହାନ୍ତ ଯୋଗୁଁ କ୍ରିୟାନୁଷ୍ଠାନ କମିଟି ଜଣେ ଦକ୍ଷ ନେତୃତ୍ୱଙ୍କୁ ହରାଇଲା ବୋଲି ସେମାନେ ମତ ଦେଇଥିଲେ। ଶେଷରେ ବିଜନ ଦେ ଧନ୍ୟବାଦ ଦେଇଥିଲେ।

# ଶମ୍ଭୁନାଥ ହାଇସ୍କୁଲ ପୁରାତନ ଛାତ୍ର ସଂସଦ ପକ୍ଷରୁ ରକ୍ତଦାନ ଶିବିର

ବସ୍ତା ବ୍ଲକ, ୨୦।୪ (ସମିସ): ବସ୍ତା ପିଏମଶ୍ରୀ ଶମ୍ଭୁନାଥ ହାଇସ୍କୁଲ ପୁରାତନ ଛାତ୍ର ସଂସଦ ଓ ଓଡ଼ିଶା ରକ୍ତଦାତା ସଂଘର ମିଳିତ ସହଯୋଗରେ ଏକ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିରକୁ ବୟୋଜ୍ୟେଷ୍ଠ ପୁରାତନ ଛାତ୍ରୀ ତଥା ସ୍କୁଲ ର ଉନ୍ନତି ପାଇଁ ଲକ୍ଷାଧିକ ଟଙ୍କା ଦାନ କରିଥିବା ସୁପ୍ରଭା ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥଲେ। ରକ୍ତଦାନ ଶିବିରରେ ମୋଟ ୫୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଜିଲ୍ଲା ରକ୍ତଦାତା ସଂଘର ସାଧାରଣ ସମ୍ପାଦକ ଗୋପାଳ ଚନ୍ଦ୍ର ସାହୁ, ବାଲିଆପାଳସ୍ଥିତ ସୁବର୍ଣ୍ଣରେଖା ମହାବିଦ୍ୟାଳୟର ଏନଏସଏସ ପ୍ରୋଗ୍ରାମ ଅଫିସର ଡ. ପ୍ରେମାନନ୍ଦ ସେଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟ ଅତିଥି



ଭାବେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଗଗନ ବିହାରୀ ଜେନା, ଅବସପ୍ରାପ୍ତ ଶିକ୍ଷକ ବିଜୟ ପ୍ରମାଣିକ ଶିବିରର କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ। ପୁରାତନ ଛାତ୍ର ମାନଙ୍କ ମଧ୍ୟରେ ଅଭୟ କୁମାର ଲେଙ୍କା, ଚିନ୍ମୟ ଶତପଥୀ, ବିରଞ୍ଚି ରାମ, ପ୍ରଦୀପ ବେହେରା, ଗୋକୁଳାନନ୍ଦ ଜେନା, ଗୌରାଙ୍ଗ ସେଠୀ, କମଳାକାନ୍ତ ଜେନା, ହରିଶଙ୍କର ପାତ୍ରୀ, ଚନ୍ଦନ ମୈକାପ, ହରିଶ୍ଚନ୍ଦ୍ର ରାଉତ, ବେଦବ୍ୟାସ ପରିଡ଼ା, ସଞ୍ଜୟ ଦାସ, ଅଞ୍ଜନ ମହାନ୍ତି, ରାଜେନ ପରିଡ଼ା, ପ୍ରତ୍ୟୁଷ ବେହେରା ସିବିଲି ଦାଦା ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନ ସହିତ କ୍ଳବୁଲୀର ଅନ୍ୟ ସମସ୍ତଙ୍କ ସହଯୋଗ ସହିତ ଗୋପୀନାଥ ଦଳେଇ, ସୁବ୍ରତ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ପୁରୁଣା ବାଲେଶ୍ୱର ପ୍ରିମିୟର ଲିଗ୍ ଉଦ୍ଯାପିତ**

# ଏନ୍ସିସି ଟାଇଗରକୁ ହରାଇ ଭାଇରସ ଏକାଦଶ ଚାମ୍ପିଅନ

ବାଲେଶ୍ୱର,୨୦।୪(ସମିସ): ପୁରୁଣା ବାଲେଶ୍ୱର ଯୁବକ ସଙ୍ଘ ଆନୁକୂଲ୍ୟରେ ଆୟୋଜିତ ପୁରୁଣା ବାଲେଶ୍ୱର ପ୍ରିମିୟର ଲିଗ୍ ସିଜନ୍ -୧୨ ରବିବାର ଦିନ ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଏନସିସି ଟାଇଗର ଏବଂ ଭାଇରସ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏନସିସି ଟିମ୍ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଏନସିସି ଦଳ ୯.୪ଓଭର ରେ ସମସ୍ତ ୱିକେଟ ହରାଇ ମାତ୍ର ୫୬ ରନ ସଂଗ୍ରହ କରିଥିଲା। ୫୭ ରନ୍ର ଟାର୍ଗେଟ ନେଇ ଭାଇରସ ଦଳ ୩.୫ ଓଭର ରେ ମାତ୍ର ଗୋଟିଏ ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ଚାମ୍ପିଅନ୍ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ପୌରପାଳିକାର କାଉନସିଲର ସସ୍ମିତା ନାଥ, ପୂର୍ବତନ କାଉନସିଲର ଅଜିତ ମିଶ୍ର, ସମାଜସେବୀ କାର୍ତ୍ତୀକ ନାଥ, ରାମ ଚନ୍ଦ୍ର ମାଝୀ, ବିଜୟ ବେହେରା, ଦିଲ୍ଲୀପ ତରେଇ ପ୍ରମୁଖ ଯୋଗ ଦେଇଥିଲେ। ବିଜେତା ଟିମ୍କୁ ୨୫ ହଜାର ଟଙ୍କା ସହ ଟ୍ରଫି ଏବଂ ରନସ୍ ଅପ୍ ଟିମ୍କୁ ୨୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା।




ଭାଇରସ ଏକାଦଶ ର ଅଲ୍ ରାଉଣ୍ଡର ସୌରଭ ଦାଶ ଫାଇନାଲ ମ୍ୟାଚରେ ମ୍ୟାନ ଅଫ ଦି ମ୍ୟାଚ ଏବଂ ମ୍ୟାନ ଅଫ୍ ଦି ସିରିଜ୍ ବିବେଚିତ ହୋଇଥିଲେ। ସେହିପରି ଏହି ସଂସ୍କରଣରେ ବିଭିନ୍ନ ବର୍ଗରେ ଶ୍ରେଷ୍ଠ ଖେଳାଳିମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଗୟାଧର ବେହେରା ଏବଂ ଶିବଶଙ୍କର ମୁର୍ମୁ ଅମ୍ପାୟର ଭାବେ ଫାଇନାଲ ମ୍ୟାଚ ପରିଚାଳନା କରିଥିଲେ।। ଯୁବକ ସଂଘର ସଭାପତି ମନ୍ମଥ ସ୍ୱାଇଁ, ସଂପାଦକ ସୁକାନ୍ତ ମାଝୀ, ରତିକାନ୍ତ ମାଝୀ, ଆଶୁତୋଷ ମହାପାତ୍ର, ମନୋଜ ଦାସ, ସତ୍ୟଜିତ ବେହେରା, ରାଜେଶ ବେହେରା, କୁମାର ଜୟଦେବ, ଦେବେନ୍ଦ୍ର ପାତ୍ର, ଉଦୟ ମାଝୀ, ସୁରେଶ ଦାସ ଏବଂ ମନୋଜ ପ୍ରମୁଖ ଉପସ୍ଥିତ ରହି ଦୁଇ ମାସ ଧରି ଅନୁଷ୍ଠିତ ହେଉଥିବା ସମସ୍ତ ମ୍ୟାଚରେ ସକ୍ରିୟ ସହଯୋଗ କରିଥିଲେ।

